## ଗୋଟିଏ ରାତିରେ ସିରିଜ ଚୋରି

**ବାଲିକୁଦା,(ସ୍ୱ.ପ୍ର.):** ବାଲିକୁଦା ଥାନା ଅଧୀନ ବିଭିନ୍ନ ସ୍ଥାନରୁ ମଙ୍ଗଳବାର ରାତିରେ ଚୋରି ହୋଇଛି । ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ବାହାରଣା ପଞ୍ଚାୟତ ଟାଇକୂଳ ଗାଁର ରନ ସ୍ୱାଇଁଙ୍କ ଦୁଗ୍ଧ ଉତ୍ପାଦକ ସେବା ସମବାୟ ସମିତି ଘର କବାଟ ଭାଙ୍ଗି ଇନଭର୍ଟର ନେଇଯାଇଛନ୍ତି। ସେହିପରି ଏହି ପଞ୍ଚାୟତର କପିଳା ବଜାରଠାରେ ଥିବା ରତ୍ନାକର ଦାସ ଓ ତପନ ନାୟକଙ୍କ ପାନ ଦୋକାନ ଓ ମୂଳୁଗାଁ ପଞ୍ଚାୟତ ଜଇତଳଙ୍ଗ ଗଡ଼ାରେ ଥିବା ଏକ ପାନ ଦୋକାନରେ ମଧ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଏସବୁ ଦୋକାନରୁ କେତେ ଜିନିଷ ଚୋରି ହୋଇଛି ତାର ଠିକ୍ ରିପୋର୍ଟ ମିଳିପାରି ନାହିଁ। ଖବରପାଇ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ କରାଯାଇଛି।

## ସଂକ୍ଷେପରେ

### ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ଘଟଣା: ସ୍ୱାମୀ କୋର୍ଟ ଚାଲାଣ

**ତିର୍ତ୍ତୋଲ,୨୩।୧୧(ଡି.ଏନ୍.ଏ.):** ତିର୍ତ୍ତୋଲ ଥାନା ଦାଇଁଲୋ ପଞ୍ଚାୟତ ପୋଷଲ ଗ୍ରାମର ଜ୍ଞାନରଞ୍ଜନ ଦାସଙ୍କ ସ୍ତ୍ରୀ ଝରଣାଙ୍କୁ ଯୌତୁକ ପାଇଁ ଶାଶୁଘରର ଲୋକେ ହତ୍ୟା କରିଛନ୍ତି ବୋଲି ସୋମବାର ଅଭିଯୋଗ ହୋଇଥିଲା। ମୃତକଙ୍କ ଭାଇ ସୌମ୍ୟ ସାଗର ଦାସଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୫୧୫/୨୧) ରୁଜୁ କରି ମଙ୍ଗଳବାର ଜ୍ଞାନରଞ୍ଜନଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ବଙ୍ଗରୀ ଗ୍ରାମର ଝରଣା ୧୫ ବର୍ଷ ତଳେ ଜ୍ଞାନରଞ୍ଜନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ଝରଣାଙ୍କୁ ନିର୍ଯାତନା ଦେଇ ଶେଷରେ ମାରିଦେଇଛନ୍ତି ବୋଲି ସୌମ୍ୟସାଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

**ଜଗତ୍‌ସିଂହପୁର ଅଫିସ,୨୩।୧୧:** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଚୌଧୁରୀ ଜଗତ୍‌ସିଂହପୁର ସହର ଅନ୍ତର୍ଗତ ଖେରସ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତେଣୁ ତାଙ୍କ ଜୟନ୍ତୀ ଉପଲକ୍ଷେ ଖେରସ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ପାରୁଲ ପଟୱାରି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ଯୌତୁକ ଦାବିରେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ବାଲିକୁଦା,୨୩।୧୧(ସ୍ୱ.ପ୍ର.):** ବାଲିକୁଦା ଥାନା ବଡ଼ଗାଁ ପଞ୍ଚାୟତ ବଡରୋଡ଼ଙ୍ଗ ଗାଁର ଜଣେ ମହିଳାଙ୍କୁ ଅଧିକ ଯୌତୁକ ଦାବିରେ ସ୍ୱାମୀ ଓ ଦେଢ଼ଶୁର ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ପୀଡ଼ିତା ପ୍ରଭାସିନୀ ପରିଡ଼ା ଅଭିଯୋଗ କରିବା ପରେ ମାମଲା (ନଂ.୪୧୦/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଗାଁର ଗଙ୍ଗାଧର ପରିଡ଼ାଙ୍କୁ ୭ ବର୍ଷ ତଳେ ପ୍ରଭାସିନୀ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ସ୍ୱାମୀ ଅନେକ ସମୟରେ ପ୍ରଭାସିନୀଙ୍କୁ ନିର୍ଯାତନା ଦେଉଥିଲେ । ୧୮ ତାରିଖରେ ମଧ ଏନେଇ ପ୍ରଭାସିନୀଙ୍କୁ ମାଡ଼ ମରାଯାଇଥିଲା। ଏହାର ସମାଧାନ କରିବାକୁ ତାଙ୍କ ବାପା ଆସିଥିବାବେଳେ ଗଙ୍ଗାଧର ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଭାସିନୀ ଏହାର ପ୍ରତିବାଦ କରିବାରୁ ସ୍ୱାମୀ ତାଙ୍କୁ ମଧ ମାଡ଼ ମାରିଥିଲେ। ଏହି ସମୟରେ ଦେଢ଼ଶୁର ସାଗର ପରିଡ଼ା ସମ୍ପୃକ୍ତା ମହିଳାଙ୍କୁ ତଳେ ପକାଇ ଏକ ଦାରେ ବେକ କାଟି ଦେବାକୁ ଉଦ୍ୟମ କରିଥିଲେ। ଫଳରେ ପ୍ରଭାସିନୀ ଆହତ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ମଧୁର ଜଳ ସୁନିଶ୍ଚିତ କରିବା ଆମ ଦାୟିତ୍ୱ:ରାଜ୍ୟପାଳ

**କେନ୍ଦ୍ରାପଡ଼ା ଅଫିସ,୨୩।୧୧**

ଜଳ ହିଁ ଜୀବନ। ଏହାର ସଂରକ୍ଷଣ ଆବଶ୍ୟକ। ଆଗାମୀ ପିଢ଼ି ପାଇଁ ମଧୁର ଜଳ ସୁନିଶ୍ଚିତ କରିବା ଆମର ଦାୟିତ୍ୱ ବୋଲି ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ କହିଛନ୍ତି । ରାଜ୍ୟପାଳ ଡ. ଲାଲ ସହରର କାକଟସ୍ଥିତ ଶିକ୍ଷକ ଲକ୍ଷ୍ମୀପ୍ରସାଦ ଦାସଙ୍କ ଏକାଦଶାହରେ ଯୋଗଦେବା ପାଇଁ ମଙ୍ଗଳବାର କେନ୍ଦ୍ରାପଡ଼ା ଆସିଥିଲେ। ଏହି ଅବସରରେ ଜଜାଙ୍ଗସ୍ଥିତ ସର୍କିଟ ହାଉସଠାରେ ଜିଲା ପ୍ରଶାସନ ସହିତ ସ୍ଥାନୀୟ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ରାପଡ଼ା ଓଡ଼ିଶାର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ ଚିହ୍ନଟ କରାଯାଇଛି ।



ସର୍କିଟ ହାଉସ୍‌ରେ ପ୍ରଶାସନିକ ଅଧିକାରୀଙ୍କ ସହ ରାଜ୍ୟପାଳ ।

କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜଳ ଶକ୍ତି ସଂରକ୍ଷଣ ଅଭିଯାନରେ ଏହି ଜିଲା ସାମିଲ ହୋଇଛି । ୨୦୧୯ରେ ଆରମ୍ଭ ହୋଇଥିବା ଏହି ଅଭିଯାନ ସମ୍ପର୍କରେ ଜିଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କଠାରୁ ସେ ସବିଶେଷ ବିବରଣୀ ମାଗିଥିଲେ । ଏହାକୁ ଆଖି ଆଗରେ ରଖି ରାଜ୍ୟପାଳ କହିଥିଲେ, ଆଗାମୀ ପିଢ଼ି ପାଇଁ ଜଳ ସଂରକ୍ଷଣ ଓ ସ୍ଥାନୀୟ ଜିଲାବାସୀଙ୍କୁ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ଯୋଗାଣ ଆବଶ୍ୟକ। ଏଥିସହିତ ମଧ୍ୟାହ୍ନ ଭୋଜନରେ ଶିଶୁମାନେ ସାମିଲ ହେବା ଓ ସ୍କୁଲରେ ଶୌଚାଳୟ ନିର୍ମାଣ ତ୍ୱରାନ୍ୱିତ କରିବାକୁ ସେ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଶିଶୁମାନେ ଦେଶର ଭବିଷ୍ୟତ । ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ଆମ ଜିଲା ଓ ରାଜ୍ୟର ସ୍ଥିତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ପ୍ରସ୍ତୁତ କରିବାକୁ ରାଜ୍ୟପାଳ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳଙ୍କୁ ଜିଲାପାଳ ଅମୃତ ଋତୁରାଜ ସ୍ୱାଗତ କରିବା ସହ ଏଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଏହି ଆଲୋଚନାରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପତ, ଏଡିଏମ୍ ପୀତାମ୍ବର ସାମଲ, ଦୁର୍ଗାପ୍ରସାଦ ମହାରଣା, ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟିଲା ନଗର କୃଷକ କଂଗ୍ରେସ

### ପ୍ରାଥମିକ କୃଷି ସମବାୟ ସମିତିରେ ଅଚଳାବସ୍ଥା

**ପଟ୍ଟାମୁଣ୍ଡାଇ,୨୩।୧୧(ସ୍ୱ.ପ୍ର.)**

ଦୀର୍ଘ ୬ ମାସ ଧରି ପଟ୍ଟାମୁଣ୍ଡାଇ ପ୍ରାଥମିକ କୃଷି ସମବାୟ ସମିତିରେ ଅଚଳାବସ୍ଥା ଲାଗିରହିଛି । ଚାଷୀମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି। ସମବାୟ ସମିତିରେ ଅଚଳାବସ୍ଥା ସୃଷ୍ଟି ହେବାରୁ ଚଳିତ ବର୍ଷ ଖରିଫ ଚାଷ ଋଣ ପାଇବାରୁ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ମଧ ଚାଷୀମାନେ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏଥିନେଇ ପଟ୍ଟାମୁଣ୍ଡାଇ ନଗର କିଷାନ କଂଗ୍ରେସ ସଭାପତି ବ୍ରଜବନ୍ଧୁ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଟକ ଡିଭିଜନ-୨ ସମବାୟ ସମିତି ଲିଃର ଉପନିବନ୍ଧକ କଟକ ସମବାୟ ବ୍ୟାଙ୍କ ଲିଃର ସମ୍ପାଦକ , କଟକ ସର୍କଲ-୧ର ସହକାରୀ ଅଡିଟର ଜେନରାଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ,ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ସମ୍ରାଟ କେଶରୀ ଜେନା,ନଗର ଯୁବ କଂଗ୍ରେସ ସଭାପତି ଓଁକାର ମହାନ୍ତି, କଂଗ୍ରେସ ନେତା ରମାକାନ୍ତ ଦାଶ, ଅବିନାଶ ଲେଙ୍କା, ତପନ ପାତ୍ର,ସର୍ବେଶ୍ୱର ପ୍ରଧାନ, ସମୀର ଜେନା,ନରେଶ ଜେନା,ଶ୍ରୀକାନ୍ତ ଦାସ, ନିରାକାର ଦାଶ, ଆଲୋକ ଧଳ, ନାରାୟଣ ସେଠୀ,ସଂଗ୍ରାମ କେଶରୀ ନାୟକ ପ୍ରମୁଖ ବହୁ କଂଗ୍ରେସ ନେତା, କର୍ମୀ ଓ କୃଷକ ସାମିଲ ହୋଇ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ମହୁରିଗାଁ ନିକଟ ବୈତରଣୀ ନଦୀରେ ମଙ୍ଗଳବାର ଏକ ମୃତ ବଉଳା କୁମ୍ଭୀର ଭାସୁଛି । ଟ୍ରଲର ମାଡ଼ରେ କୁମ୍ଭୀରର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ।

# ୨୭୨ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

### ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ କାର, ବାଇକ୍ ଜବତ

**ଜଗତ୍‌ସିଂହପୁର ଅଫିସ,୨୩।୧୧:** ଜଗତ୍‌ସିଂହପୁର ଓ ବିରିଡ଼ି ଥାନା ଅଞ୍ଚଳର ପୃଥକ୍ ସ୍ଥାନରେ ପୋଲିସ ଚଢ଼ାଉ କରି ୨୭୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏଥିସହ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପଦ୍ମପୁର ଗୌଡ଼ୁଣିପଡିଆର ଭୁବନାନନ୍ଦ ମଲ୍ଲିକ ଓରଫ ଭବାନୀ(୫୫)ଙ୍କଠାରୁ ୨୬୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି। ଏନେଇ ଏସ୍‌ଆଇ ପ୍ରତାପ କୁମାର ଦାଶଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୬୪୨/୨୧) ରୁଜୁ ହୋଇଛି। ସେହିପରି ବିରିଡ଼ି ଥାନା ଶିବପୁର ପଞ୍ଚାୟତ ଅନ୍ତର୍ଗତ ଶଢେଇକଣାରୁ ୧୨ ଗ୍ରାମ ବ୍ରାଉନ ସୁଗାର, ନଗଦ ୨,୨୪,୭୬୦ ଟଙ୍କା,ସହ ଗୋଟିଏ ଲେଖାଏ ମାରୁତି କାର ଓ ବାଇକ୍ ଜବତ କରାଯାଇଛି। ଏହି ମାମଲାରେ ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ସେମାନେ ହେଲେ ବିରିଡ଼ି ଥାନା ଗୋଠିଣା ପଞ୍ଚାୟତ ଅନ୍ତର୍ଗତ ଶଢ଼େଇକଣାର ଚନ୍ଦ୍ର ବଳବନ୍ତ ରାୟ ଓରଫ ପୋଡ ଓରଫ ଜିତୁ ଏବଂ ସିପ୍ରା ବଳବନ୍ତ ରାୟ ଓରଫ ମିଲି। ଏସ୍‌ଆଇ ଆଖାମଣି ଟୁଡୁଙ୍କ ଅଭିଯୋଗ ଆଧାରରେ ଏନେଇ ମାମଲା (ନଂ.୨୨୧/୨୧) ରୁଜୁ ହୋଇଛି।

# ନବଜାତ ଶିଶୁକନ୍ୟା ମୃତଦେହ ଜବତ

**ରସୁଲପୁର,୨୩।୧୧(ଡି.ଏନ.ଏ.)**

କୁଆଖିଆ ଥାନା ନଠୁଆବର-ଟିକରପଡ଼ା ରାସ୍ତାର ମୂଳ ଖରସ୍ରୋତା ନଦୀବାଲିରୁ ଏକ ନବଜାତ ଶିଶୁକନ୍ୟାଙ୍କ ମୃତଦେହ ପୋଲିସ ଜବତ କରିଛି। ନଦୀବାଲିର ଏକ ସ୍ଥାନରେ କୁକୁର ଗୋଡ଼ରେ ବାଲି ତାଡୁଥିବା ଦେଖି ଲୋକଙ୍କ ସନ୍ଦେହ ହୋଇଥିଲା। ତେଣୁ ଲୋକେ ଯାଇ ଦେଖିଲା ବେଳକୁ ସେଠାରେ କିଛି ସାମଗ୍ରୀ ପୋତାଯାଇଥିବା ଜାଣିବାକୁ ପାଇଥିଲେ। ଲୋକେ ବାଲି ତାଡ଼ିଲା ବେଳକୁ ଶିଶୁକନ୍ୟାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ନଂ.୧୮/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଦ. ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-ଜେଆର୍‌ଏଲ୍‌ଆଇ-୧୩, ତାରିଖ: ୨୨।୧୧।୨୦୨୧ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୧୦୯୬ ଦିନ ପାଇଁ ଜାରୋଲିଠାରେ ରନିଂ ରୁମ୍ ଏବଂ କ୍ରିଉ ଓ ଗାର୍ଡ ଲବିର ଦେଖାରଖା । **ଟେଣ୍ଡର ମୂଲ୍ୟ:** ₹୧,୭୪,୦୬,୩୧୮.୪୬ । **ଇଏମ୍‌ଡି:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/- । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଏସ୍.ଇ.ରେଳପଥ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । ଇ-ଟେଣ୍ଡରିଂରେ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଭାଗ ନେବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **(PR-434)**

# ସାଙ୍ଗଠନିକ ସମ୍ମିଳନୀରେ ବିଜେଡିର ଶକ୍ତି ପ୍ରଦର୍ଶନ

**ରାଜନଗର,୨୩।୧୧ (ଡି.ଏନ.ଏ.)**

- ଡିସେମ୍ବରରେ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବେ ମୁଖ୍ୟମନ୍ତ୍ରୀ
- ସାଙ୍ଗଠନିକସ୍ଥିତି ଦୃଢ଼ କରିବାକୁ ଆହ୍ୱାନ

ମଙ୍ଗଳବାର ପ୍ରସିଦ୍ଧ ଶକ୍ତିପୀଠ ମା'ମାଟିଆ ମଙ୍ଗଳାଙ୍କ ପୀଠରୁ ବିଜେଡି ପଞ୍ଚାୟତ ନିର୍ବାଚନ ପାଇଁ ସାଙ୍ଗଠନିକ ସମ୍ମିଳନୀ ଆରମ୍ଭ କରିଛି। ଏହି ଅବସରରେ ଦଳ ନିଜ ଶକ୍ତି ପ୍ରଦର୍ଶନ କରିଛି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ ଯୋଗଦେଇ ଗତ ପଞ୍ଚାୟତ ନିର୍ବାଚନରେ ଜିଲାର ଫଳାଫଳକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ନ ଥିଲେ। ମାତ୍ର ଜିଲାରେ ରାଜନଗର ଓ ଆଳି ନିର୍ବାଚନମଣ୍ଡଳୀରେ ଦଳ ଭଲ ପ୍ରଦର୍ଶନ କରିଥିଲା। ରାଜନଗର ଭଳି ଅନ୍ୟ ୪ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକସ୍ଥିତି ଦୃଢ଼ କରିବାକୁ ସେ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏଥିସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ରାଜନଗରର ସମସ୍ତ ଜିଲାପରିଷଦ ଆସନ ସହିତ ପଞ୍ଚାୟତ ସମିତି ବିଜେଡି ଦଖଲ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଡିସେମ୍ବରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିବେ ବୋଲି ସେ କହିଥିଲେ। ବିଧାୟକ ସାହୁ କହିଲେ, ମୁଁ ଆପଣମାନଙ୍କ ମୂଲିଆ। ଅଢ଼େଇବର୍ଷ ଧରି ମୂଲ ଲାଗିଛି। ରାଜନଗରକୁ ବିକାଶ ପଥରେ ଆଗେଇ ନେବା ପାଇଁ ଉଦ୍ୟମ ଜାରି ରଖିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଆପଣଙ୍କ ସହଯୋଗ ରହିବ ବୋଲି ସେ କହିଥିଲେ। ଏହି ଅବସରରେ ଭାଜପାରୁ ଇସ୍ତଫା ଦେଇଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ନାୟକ ଓ ଘଡ଼ିଆମାଳ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଶୈଳେନ୍ଦ୍ର ମିଶ୍ର ବିଜେଡିରେ ସାମିଲ ହୋଇଥିଲେ।

# ଚୋରା ତେଲ ବ୍ୟବସାୟ: ୩ କୋର୍ଟଚାଲାଣ

**ଚଣ୍ଡିଖୋଲ,୨୩।୧୧ (ଡି.ଏନ.ଏ.)**

ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥରେ ବ୍ୟାପକ ପେଟ୍ରୋଲ ଓ ଡିଜେଲର ଚୋରା କାରବାର ହେଉଛି। ଏପରି କି ପେଟ୍ରୋଲ ଓ ଡିଜେଲକୁ ଅପମିଶ୍ରଣ କରି ବଜାରରେ ଖୋଲାଖୋଲି ବିକ୍ରି କରାଯାଉଛି। ସୋମବାର ରାତିରେ ବାଲିଚନ୍ଦ୍ରପୁର ପୋଲିସ ପାଟ୍ରୋଲିଂ ସମୟରେ ଜାତୀୟ ରାଜପଥର ଏହି ଥାନା ନଳୀପୁରଠାରେ ଏକ ଡିଜେଲ ଟ୍ୟାଙ୍କର ତେଲ କାଢ଼ି ଚୋରାରେ ବିକ୍ରି କରୁଥିବା ଦେଖି ଗାଡ଼ିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗାଡ଼ି ଡ୍ରାଇଭର ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମଦରଙ୍ଗାମୁଣ୍ଡା ଗ୍ରାମର ଦୀପକ ସାହୁ(୨୭), ହେଲ୍‌ପର ପୁରୀ ଜିଲା ସତ୍ୟବାଦୀ ଥାନା ଡେଲାଙ୍ଗ ଅଞ୍ଚଳର ବିଶ୍ୱଜିତ୍ ପ୍ରଧାନ ଓ ଚୋରା ତେଲ ବେପାର କରୁଥିବା ବାଲିଚନ୍ଦ୍ରପୁର ଥାନା ଗଜେନ୍ଦ୍ରପୁର ଗ୍ରାମର ଅମିତ୍ ବେହେରା(୩୨)।

ସୂଚନା ଅନୁଯାୟୀ, ପାରାଦୀପ ଆଇଓସିଏଲରୁ ଟ୍ୟାଙ୍କର ନଂ.(ଓଡି-୨୯-ଏ-୫୦୧୫) ପେଟ୍ରୋଲ ବୋଝେଇ କରି ଜଗତ୍‌ସିଂହପୁର ପେଟ୍ରୋଲ ପମ୍ପକୁ ଯିବାକୁ ଥିଲା। ମାତ୍ର ସେ ସେଠାକୁ ନ ଯାଇ ଭିନ୍ନ ଦିଗରେ ଆସି ନଳୀପୁରଠାରେ ତେଲ କାଢ଼ି ବେପାର କରୁଥିଲା। ପୋଲିସ ଚଢାଉ କରି ଉକ୍ତ ଟ୍ୟାଙ୍କରରୁ କଢାଯାଇଥିବା ୫୦ ଲିଟର ପେଟ୍ରୋଲ ଓ ୨୦ ଲିଟର ଡିଜେଲ ଜବତ କରିଥିଲା। ପରେ ଥାନା ପକ୍ଷରୁ ନଂ.୩୬୧/୨୧ରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଗିରିଶ ମହାନ୍ତି ସୂଚନା ଦେଇଛନ୍ତି।

# ପୋଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ବିରୋଧ

### ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

**ରଘୁନାଥପୁର,୨୩।୧୧(ଡି.ଏନ୍.ଏ.)**

ରଘୁନାଥପୁର ଥାନା ରେଢୁଆ ଗ୍ରାମର ପ୍ରିୟଙ୍କା ମହାପାତ୍ରଙ୍କୁ ଏକପାଖିଆ ଭାବେ ଗିରଫ କରାଯାଇଥିବା ଅଭିଯୋଗ କରି ମଙ୍ଗଳବାର ମହିଳା ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବ୍ଲକ ଛକ ନିକଟ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ତେଜସ୍ୱିନୀ ଓ ଜୀବନଜୀବିକା ମହିଳା ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରିୟଙ୍କା ଓ ତାଙ୍କ ପଡ଼ୋଶୀ ରେଢୁଆ ସରପଞ୍ଚ ଜ୍ୟୋତିର୍ମୟୀ ଜେନାଙ୍କ ମଧ୍ୟରେ ଦୀର୍ଘଦିନ ହେବ ଶତ୍ରୁତା ଲାଗିରହିଛି।



ବ୍ଲକ ଛକ ନିକଟରେ ମହିଳାମାନଙ୍କ ପ୍ରତିବାଦ ସଭା ।

କୌଣସି କାରଣରୁ ଗତ ଜୁଲାଇରେ ଉଭୟଙ୍କ ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲା। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ କେବଳ ପ୍ରିୟଙ୍କା ବିରୋଧରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇଛି। ଏଥିସହ ତାଙ୍କ ପୁଅ ପ୍ରୀତଙ୍କ ନାମ ମଧ ଜାଣିଶୁଣି ମାମଲାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ପ୍ରିୟଙ୍କା ଜାମିନରେ ଆସିବା ପରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉଭୟ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

ଏ ସମ୍ପର୍କରେ ଆଇଆଇସି ମହାପାତ୍ର କୁହନ୍ତି, ପ୍ରୀତମଙ୍କ ବିରୋଧରେ କୌଣସି କେସ କରାଯାଇନାହିଁ। ଅପରପକ୍ଷେ ପ୍ରିୟଙ୍କାଙ୍କ ପକ୍ଷରୁ ହୋଇଥିବା ଅଭିଯୋଗର ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏନେଇ କାହା ସହିତ ସାଲିସ କରାଯାଇନି ବୋଲି ମହାପାତ୍ର କହିଛନ୍ତି। ଏହି ପ୍ରତିବାଦ ସଭାରେ ସଙ୍ଗଠନର କର୍ମକର୍ତ୍ତା ଅଞ୍ଜନା ସାହୁ, ସୀତାରାଣୀ ବେହେରା, ଅବସରପ୍ରାପ୍ତ ବିଚାରପତି ରମେଶ ଚନ୍ଦ୍ର ମଲ୍ଲିକ, ଅଶୋକ ମଲ୍ଲିକ, ସଞ୍ଜୟ କୁମାର ଘଡେଇ ଓ ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର



ସଂସ୍କୃତି ଉଦ୍ୟାନର ସୁଗନ୍ଧିତ ପୁଷ୍ପ ହେଉଛି ଲୋକକଳା
ନବୀନ ପଟ୍ଟନାୟକ

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର

## ଟ୍ରକ ପାର୍କିଂକୁ ନେଇ ଦମ୍ପତିଙ୍କୁ ଆକ୍ରମଣ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ପିପ୍ପଳ ଗ୍ରାମରେ ମଙ୍ଗଳବାର ଟ୍ରକ ପାର୍କିଂକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। କାଳନ୍ଦି ସେଠି ନାମକ ଟ୍ରକ ଚାଳକ ଗାଁ ପାଖ ସିଙ୍ଗଟାଳି ଛକରେ ଗାଡ଼ି ପାର୍କିଂ କରି ଖରାବେଳେ ଘରକୁ ଖାଇବାକୁ ଯାଇଥିଲେ। ସେଠାରେ ପିଲୁ ସେଠି ନାମକ ଯୁବକ ପହଞ୍ଚି ତାଙ୍କ ଦୋକାନ ଆଗରେ କାହିଁକି ଗାଡ଼ି ପାର୍କିଂ କରିଛ ବୋଲି କହି ଗଣ୍ଡଗୋଳ କରିଥିଲେ। ଏଥିସହ କାଳନ୍ଦୀ ଓ ତାଙ୍କ ସ୍ତ୍ରୀ ଝରଣାଙ୍କୁ ଆକ୍ରମଣ କରିଥିଲେ। ଏନେଇ କାଳନ୍ଦୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୮୫/୨୧) ରୁଜୁ କରିଛି।

# ନ୍ୟାୟ ଦେବାରେ ପୋଲିସର ପକ୍ଷପାତିତା

## ଥାନା ଘେରାଉ କଲା ଦଳିତ ସଂଘ

ପାଣିକୋଇଲି,୨୩।୧୧(ଡି.ଏନ.ଏ.)

ଦଳିତଙ୍କୁ ନିର୍ଯାତନା ଓ ପୋଲିସର ପକ୍ଷପାତିତା ନୀତି ବିରୋଧରେ ଜିଲା ଦଳିତ ସଂଘ ପକ୍ଷରୁ ମଙ୍ଗଳବାର ପାଣିକୋଇଲି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପ୍ରାରମ୍ଭରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ଥାନା ସମ୍ମୁଖରେ ପହଞ୍ଚି ଥିଲା। ସେଠାରେ ସଂଘର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଏସ୍‌ଡିପିଓ ଚିନ୍ମୟ ନାୟକ ସେମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁଯାୟୀ ସମଗ୍ର ଯାଜପୁର ଜିଲାରେ ଦଳିତ-ଆଦିବାସୀ ପଛୁଆବର୍ଗଙ୍କ ଉପରେ ଜାତିଗତ ନିର୍ଯାତନା ବଢ଼ି ଚାଲିଛି। ପ୍ରଶାସନିକ ଅଧିକାରୀମାନେ ସାମ୍ବିଧାନିକ ଆଇନ କାର୍ଯ୍ୟକାରୀ କରୁନାହାନ୍ତି। ଏପରି ଏକ ଘଟଣା ପାଣିକୋଇଲି ଥାନା କରଦା ପଞ୍ଚାୟତରେ ଗତ ଅକ୍ଟୋବର ୨୭ରେ ଘଟିଛି। ଜଣେ ଭିନ୍ନକ୍ଷମ ଦଳିତ ବ୍ୟକ୍ତି ସୁବାସ ମଲିକଙ୍କୁ ସରପଞ୍ଚ ଗଣେଶ ସାହୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ପାଣିକୋଇଲି ଥାନାରେ ମାମଲା ରୁଜୁ ନ ହେବାରୁ ରାଜ୍ୟ ମାନବିକ ଅଧିକାର ସୁରକ୍ଷା ସେଲରେ ଅଭିଯୋଗ କରାଯାଇଥିଲା। ଏହାପରେ ପୋଲିସ ବାଧ୍ୟ ହୋଇ ଜାତିଗତ ନିର୍ଯାତନା ନିବାରଣ ଆଇନରେ ଏକ ମାମଲା(ନଂ.୨୮୪/୨୧)ରୁଜୁ କରିଥିଲା। ଏସ୍‌ପିଙ୍କ ଆଦେଶକୁ ତଦନ୍ତକାରୀ ଅଧିକାରୀ ବେଖାତିର କରି ପକ୍ଷପାତିତା କରିବା ଓ ଆକ୍ରମଣକାରୀଙ୍କୁ ଗିରଫ ନ କରିବାରୁ ଜିଲା ଦଳିତ ସଂଘ ବାଧ୍ୟ ହୋଇ ଜନଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲା। କୋରେଇ ଥାନାରେ ରୁଜୁ ଅନ୍ୟ ଏକ ମାମଲା(ନଂ.୨୮୯/୨୧)ରେ ଜଣେ ଗର୍ଭବତୀ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେ ରକ୍ତାକ୍ତ ହୋଇଥିଲେ ମଧ୍ୟ ପୋଲିସ ୩୦୭ ଭଳି ଦଫା ଲଗାଉ ନାହିଁ। ଅଭିଯୁକ୍ତମାନେ ୪ମାସ ହେବ ବୁଲୁଛନ୍ତି। ସେମାନଙ୍କୁ ଗିରଫ କରାଯାଉ ନାହିଁ ବୋଲି ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏହି ଆନ୍ଦୋଳନରେ ମିଳିତ ସଂଘର ରାଜ୍ୟ ନେତା ମନୋରଞ୍ଜନ ଜେନା, ଜିଲା ସମ୍ପାଦକ ବଳରାମ କାଣ୍ଡି, ଯଶୋବନ୍ତ ଜେନା, ବିଜୟ କୁମାର ଜେନା, ସୂର୍ଯ୍ୟମଣି ଜେନା, ସୁବାସ ମଲ୍ଲିକ, ସହଦେବ ଜେନାଙ୍କ ସମେତ ଶତାଧିକ ଦଳିତ ଯୋଗଦେଇଥିଲେ।



ପାଣିକୋଇଲି ଥାନା ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୮ କଳାପଥର ବୋଝେଇ ହାଇୱା, ଟ୍ରକ୍ ଜବତ

ଧର୍ମଶାଳା,୨୩।୧୧(ଡି.ଏନ.ଏ.)

ଧର୍ମଶାଳା ତହସିଲ ପକ୍ଷରୁ ସୋମବାର ରାତିରେ ଚଢ଼ାଉ କରାଯାଇ ୮ କଳାପଥର ବୋଝେଇ ହାଇୱା ଓ ଟ୍ରକ୍ ଜବତ କରାଯାଇଛି। ତହସିଲଦାର ସ୍ୱାଗତ ଦାଶଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ, ନେଉଳପୁର ଆର୍‌ଆଇ ବିରଞ୍ଚି ବୋଇତେଇ, ନାକପୋଲ ଆର୍‌ଆଇ ଚନ୍ଦନ ସାହୁ, କାଏମା ଆର୍‌ଆଇ ମନୋଜ ମହାପାତ୍ର ଓ ଏଆର୍‌ଆଇ ନିର୍ମଳ ପଣ୍ଡା ପ୍ରମୁଖ ୫୩ ନମ୍ବର ଜାତୀୟ ରାଜପଥର ଆରୁହା ଛକରୁ ଶ୍ରୀରାମପୁର ଟୋଲ୍‌ଗେଟ ମଧ୍ୟରେ ଯାଉଥିବା କଳାପଥର ବୋଝେଇ ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ଏହି ସମୟରେ ଆର୍ ଫର୍ମ ନ ଥିବା ହାଇୱା ଓ ଟ୍ରକକୁ ଜବତ କରାଯାଇଥିଲା। ଗାଡ଼ିଗୁଡ଼ିକୁ ଧର୍ମଶାଳା ଥାନାରେ ରଖାଯାଇଛି। ଜବତ ଗାଡ଼ିଗୁଡ଼ିକରୁ ଜରିମାନା ଆଦାୟ ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ତହସିଲ ଅଞ୍ଚଳ ଖାଦାନରୁ ବେଆଇନ ଭାବେ ମାଫିଆ ପଥର ଉତ୍ତୋଳନ କରି ଅନ୍ୟତ୍ର ଚାଲାଣ କରୁଛନ୍ତି। ତେଣୁ ଏଭଳି ବେଆଇନ ଚୋରି ରୋକିବା ପାଇଁ ତହସିଲ ପକ୍ଷରୁ କଳାପଥର ପରିବହନ କରୁଥିବା ଗାଡ଼ିଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରାଯାଉଛି।

## ଛତୁ ଚାଷୀଙ୍କୁ ସ୍ୱାବଲମ୍ବୀ ଲାଗି ପ୍ରୟାସ

ରସୁଲପୁର,୨୩।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳ ଛତୁ ଚାଷୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ଛତୁଚାଷୀ ଭାଗୀରଥି ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବରରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ସହକାରୀ ଉଦ୍ୟାନକୃଷି ଅଧିକାରୀ ଶୁଭଶ୍ରୀ ଶୁଭଦର୍ଶିନୀ, ସମ୍ମାନିତ ଅତିଥି ରସୁଲପୁର ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍, ଯବୁ ଛତୁ ଚାଷୀ ତପନ କୁମାର ଦଳେଇ, ବିଚିତ୍ର ଜେନା, ଅଗ୍ରଣୀ ପରିବା ଚାଷୀ ଶିଶିର କୁମାର ରାଉତ, ପ୍ରଗତି ରଞ୍ଜନ ସାମଲ ଓ ଶ୍ରୀଧର ବାରିକ ପ୍ରମୁଖ ଯୋଗଦେଇ ଛତୁ ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ଉଦ୍ଦିଷ୍ଟ ଚାଷର ପ୍ରଣାଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଛତୁ ଚାଷର ପ୍ରଣାଳୀ, ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ବଜାରୀକରଣ, ଛତୁ ମଞ୍ଜି ଉତ୍ପାଦନ, ମଞ୍ଜିର ମାନ ପରଖିବା ପାଇଁ ପରୀକ୍ଷାଗାର ବ୍ୟବସ୍ଥା ସମ୍ପର୍କରେ ବୁଝାଇ କହିଥିଲେ। ଏହିକ୍ରମରେ ଚାଷୀଙ୍କୁ ନେଇ ଜିଲାରେ କୃଷକ ଉତ୍ପାଦକ ଗୋଷ୍ଠୀ ଓ ବ୍ଲକସ୍ତରରେ ଏଫ୍‌ଆଇଜି (ଫାର୍ମର୍ସ ଇଣ୍ଟରେଷ୍ଟ ଗ୍ରୁପ) ଗଠନ କରାଯିବା ଉପରେ ସୂଚନା ପ୍ରଦାନ କରାଯାଇଥିଲା। ରସୁଲପୁର ବ୍ଲକକୁ ଛତୁ ମଞ୍ଜିର ହବ ଭାବେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ନେଇ ଅଧିକାରୀମାନେ ସୂଚନା ଦେଇଥିଲେ। ଏ ଦିଗରେ ଚାଷୀଙ୍କ ପ୍ରମୁଖ ଭୂମିକା ରହିଛି। ଏହି ୟୁନିଟ୍ ସ୍ଥାପନ କରାଯାଇ ପାରିଲେ ଚାଷୀ ବିଶେଷ ଉପକୃତ ହେବେ ବୋଲି ସମ୍ପୃକ୍ତ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ଚାଷୀଙ୍କ ପାଇଁ ବିଭିନ୍ନ ସରକାର ଯୋଜନାରେ ଆସୁଥିବା ସୁବିଧା ସୁଯୋଗରୁ ଫାଇଦା ଉଠାଇବାକୁ ପରାମର୍ଶ ଦିଆଯାଇଥିଲା। ଗୋଷ୍ଠୀ ଜରିଆରେ ଚାଷୀଙ୍କୁ ଚିହ୍ନଟ କରାଯାଇ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ରସୁଲପୁର ବ୍ଲକ ପାଇଁ ଏଫଆଇଜି ଗଠନ କରାଯାଇଥିଲା। ଉକ୍ତ ଗୋଷ୍ଠୀର ସଭାପତି ଭାବେ ଚାଷୀ ଶ୍ରୀଧର ରାଉତ, ଉପସଭାପତି ଅଧୀର କୁମାର ପତି, ସମ୍ପାଦକ ପ୍ରଗତି କର, କୋଷାଧ୍ୟକ୍ଷ ସୁରେଶ ନାୟକ, ଉପଦେଷ୍ଟା ଭାବରେ ଚାଷୀ ଶିଶିର ରାଉତ, ଅଶୋକ କୁମାର ସାହୁ, ବିଶ୍ୱପ୍ରକାଶ ଖୁଣ୍ଟିଆ ଓ ପ୍ରଭାକର ଗିରି ପ୍ରମୁଖଙ୍କୁ ସ୍ଥାନ ଦିଆଯାଇଛି। ଶିବିରରେ ଶତାଧିକ ପୁରୁଷ ଓ ମହିଳା ଛତୁଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।




## ସେନାଧିକାରୀ କୁଞ୍ଜ ବିହାରୀଙ୍କ ଶେଷକୃତ୍ୟ ସମ୍ପନ୍ନ

ଚଣ୍ଡିଖୋଲ,୨୩।୧୧ (ଡି.ଏନ.ଏ.)

ଜାମସେଦପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପରେ କାର୍ଯ୍ୟରତ ଥିବା ସେନାଧିକାରୀ କୁଞ୍ଜବିହାରୀ ଜେନାଙ୍କ ସୋମବାର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ତାଙ୍କ ଜନ୍ମ ମାଟି ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିଅନ୍ତା ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସହକର୍ମୀମାନେ ସେନା ଗାଡ଼ିରେ ଏକ ଶୋଭାଯାତ୍ରା ମାଧ୍ୟମରେ ତାଙ୍କୁ ଗ୍ରାମକୁ ଆଣିବା ସମୟରେ ବହୁ ଶୋକାକୁଳ ଜନତା ତାଙ୍କୁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଈଶ୍ୱର ପରିଡ଼ା, ପ୍ରଫୁଲ୍ଲ ପ୍ରଧାନ, ଦିଲୀପ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସହକର୍ମୀ ଜିଡି ସୁଧୀର ପଲାଇଙ୍କ ସମେତ ୧୨ ଜଣ ଯବାନ ତାଙ୍କୁ ତୋପ ସଲାମୀ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଧର୍ମଶାଳା/ଜେନାପୁର,୨୩।୧୧ (ଡି.ଏନ.ଏ.): ଜେନାପୁର ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଜିରା ପଞ୍ଚାୟତ ଅଧୀନ ଗୋଡ଼ିପାଟିଆ ଗ୍ରାମର ରଜତ ରାଉତ। ସେ ଜୁନ୍ ୨୪ରେ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିଥିଲେ। ଏନେଇ ନାବାଳିକା ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୪୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳିକାଙ୍କ ସହ ରଜତ ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଡାକ୍ତରୀମାଇନା ପରେ ଉଭୟଙ୍କୁ ଯାଜପୁରସ୍ଥିତ ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ନାବାଳିକାଙ୍କୁ ତାଙ୍କ ମା'ଙ୍କ ପାଖରେ ରହିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି।









# ରୁଦ୍ରମାଧବ ରାୟଙ୍କ ଜୟନ୍ତୀ ପାଳିତ

ଦଶପଲ୍ଲା,୨୩।୧୧(ଡି.ଏନ.ଏ.)

ପୂର୍ବତନ ଦଶପଲ୍ଲା ବିଧାୟକ ତଥା କନ୍ଧମାଳ ଏମ୍‌ପି ସ୍ୱର୍ଗତ ରୁଦ୍ର ମାଧବ ରାୟଙ୍କ ୮୪ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି । ସ୍ଥାନୀୟ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ନିରାଡମ୍ବର ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ବିଦିପ୍ତ କୁମାର ରାୟ ,ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ସାମାଜିକ କର୍ମୀ ପ୍ରମୋଦ ଚନ୍ଦ୍ର ପୃଷ୍ଟି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ସଜନ କୁମାର ରାୟ, ସଂଯୁକ୍ତା ଦାସଗୁପ୍ତା, ଡିଗ୍ରୀ କଲେଜ ଅଧ୍ୟକ୍ଷା ଦୁର୍ଗାବତୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ରୁଦ୍ର ମାଧବଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବିଧାୟକ ସହାୟତା ଯୋଗାଇ ଦେବା ପାଇଁ କହିଥିଲେ । ଏହି ଅବସରରେ ବିଭିନ୍ନ ବର୍ଗରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟକ୍ଷା ପୂର୍ଣ୍ଣମାସୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅମଳ ଆରମ୍ଭ, ଖୋଲୁନି ଧାନମଣ୍ଡି

ନୟାଗଡ଼ ଅଫିସ,୨୩।୧୧

## ଦଲାଲ,ବେପାରୀଙ୍କ ଫାଶରେ ଚାଷୀ

■ ବର୍ଷା ଭିଜା ଧାନ କ୍ୱିଣ୍ଟାଲ ୧ ହଜାର ଟଙ୍କା

ନୟାଗଡ଼ ଜିଲାରେ ଧାନ କଟାଯାଇ ଅମଳ ଆରମ୍ଭ ହୋଇଛି । ହେଲେ ପ୍ରଶାସନ ପକ୍ଷରୁ ଏଯାବତ ଧାନ ମଣ୍ଡି ଖୋଲି ନାହିଁ । ଏଭଳିସ୍ଥଳେ ଲଘୁଚାପ ଜନିତ ଅଦିନିଆ ବର୍ଷା ଚାଷୀର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଚାଷୀ ଧାନ କାଟି ମଣ୍ଡିରେ ବିକ୍ରି କରିବା ପରିସ୍ଥିତିରେ ନାହିଁ । କାରଣ ଅମଳ ପରେ ଧାନ ଗଜା ହୋଇ ଯାଇଛି । ଏଣୁ ବର୍ଷା ଭିଜା ଧାନ ନେଇ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛି । ଏଣୁ ଚାଷୀ ଦଲାଲ ଓ ବେପାରୀଙ୍କ ଫାଶରେ ପଡି କ୍ୱିଣ୍ଟାଲ ପିଛା ୧ ହଜାର ଟଙ୍କାରେ ଧାନ ବିକ୍ରି କରିବା ବାଧ ହୋଇଛି । ଅନ୍ୟପକ୍ଷେ ବର୍ଷାର କ୍ଷତିକୁ ଆଖି ଆଗରେ ରଖି ସରକାର ଧାନର ଗୁଣବତ୍ତାରେ କୋହଳ କରି ତୁରନ୍ତ ଧାନମଣ୍ଡି ଖୋଲିବାକୁ ଦାବି ହୋଇଛି ।

ଚଳିତମାସ ୧୨ ଓ ୧୩ ତାରିଖ ଲଘୁଚାପ ବର୍ଷା ନୟାଗଡ଼ ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଛି । ଏଥିରେ କଟା ଯାଇଥିବା ଧାନ ବେଶୀ କ୍ଷତି ହୋଇଥିଲା । ଚାଷୀ ପାଣିରୁ ଛାଣି ଧାନ ସଂଗ୍ରହ କରିଥିଲା । ହେଲେ ସେଥିରୁ ଗଜା ବାହାରି ଥିଲା । ଏଣୁ ତରବରିଆ ଭାବେ ଧାନକଟା ମେଶିନ ଦ୍ୱାରା ଧାନ ଅମଳ କରିଥିଲା । ହେଲେ ଧାନ ଓଦା ରହିବାରୁ ଏହାକୁ ବିକ୍ରି କରିବାକୁ ବାଧ ହୋଇଛି । ତେବେ ମଣ୍ଡି ଖୋଲି ନ ଥିବାରୁ ଚାଷୀ ଧାନ ବିକ୍ରି କରି ପାରିନାହିଁ । ଏଣୁ ବେପାରୀ ଓ ଦଲାଲଙ୍କୁ ଧାନ ବିକୁଛି । ଚାଷୀ ୧ ହଜାର ଟଙ୍କାରେ ଧାନ ବିକ୍ରି ପରେ ପ୍ରଶ୍ନ ଉଠିଛି ସରକାର ଧାନ ମଣ୍ଡି ଖୋଲିବାରେ କାହିଁକି ବିଳମ୍ବ କରୁଛନ୍ତି । ଯଦି ବିଳମ୍ବ ଅଧିକ ହୁଏ ତେବେ ଚାଷୀ ପୁଣି କ୍ଷତି ସହିବ । କାରଣ ପ୍ରତିଦିନ ନୟାଗଡ଼ର ଆକାଶରେ ମେଘଖଣ୍ଡ ଭାସୁଛି । ପୁଣି ବିଭିନ୍ନ ଗାଁ ଓ ସହରରେ ବର୍ଷା ହେଉଛି । ମେଘ ଓ ବର୍ଷାକୁ ଦେଖି ଚାଷୀ ଧାନ କାଟି ପାରୁନାହିଁ । ଏନେଇ ବିଜିପୁର ଗାଁର ଚାଷୀ ରାମଚନ୍ଦ୍ର ସ୍ୱାଇଁ କୁହନ୍ତି, ମୁଁ ୫ମାଣ ଜମିରେ ଧାନ ଫସଲ କରିଥିଲି । ବର୍ଷା ହେବା ବେଳକୁ ଧାନ କାଟି ଦେଇଥିଲି । ନଭେମ୍ବରର ୨ଦିନ ବର୍ଷାରେ ଧାନ ବିଲରେ ଓଦା ହୋଇ ପଡି ରହିଲା । କ୍ଷତିକୁ ଆଖି ଆଗରେ ରଖି ଅଧିକ ଶ୍ରମିକ ନିୟୋଜିତ କରି ଧାନ ଘରକୁ ଆଣିଲି । ତରବରିଆ ଭାବେ ମେଶିନରେ ଧାନ ସଂଗ୍ରହ କଲି । ଏବେ କିଛି ଦିନ ହେଲା ତାକୁ ଶୁଖାଉଛି । ହେଲେ ଧାନର ମାନରେ ପରିବର୍ତ୍ତନ ଆସୁନି । ଗାଁରେ ବୁଲୁଥିବା ବେପାରୀ କ୍ୱିଣ୍ଟାଲ ପିଛା ୧୨ ଶହ ଟଙ୍କା ନେବାକୁ କହୁଛନ୍ତି । ଧାନ ଅମଳ ପାଇଁ ଟଙ୍କା ଦେବା ଲାଗି ଧାନ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି । କାରଣ ଏହି ଧାନ ମଣ୍ଡିରେ ଗ୍ରହଣ କରାଯିବ ନାହିଁ । ମଣ୍ଡି ସମୟକୁ ଅପେକ୍ଷା କଲେ ଧାନର ଦର ୧୨ ଶହ ଟଙ୍କା ହେବ କି ନାଁ ସନ୍ଦେହ ବୋଲି କହିଥିଲେ । ଖଣ୍ଡପଡ଼ାର ଚାଷୀ ଶରତ ଚନ୍ଦ୍ର ସାହୁ କୁହନ୍ତି, ବର୍ଷାରେ ବିଲରେ ପଡିଥିବା ଧାନରୁ ୨୫ ପ୍ରତିଶତ ମାଟିରେ ଲାଗି ରହିଲା । ପରେ ୨ରୁ ୩ ପ୍ରତିଶତ ଗଜା ହୋଇଗଲା । ଅବଶିଷ୍ଟ ୭୦ରୁ ୭୭ ପ୍ରତିଶତ ଧାନ ଶୁଖାଇବା ପରେ ଓଜନ କମି ଗୁଣବତ୍ତା କମିବାରେ ଲାଗିଛି । ପୁଣି ଧାନ ଶୁଖାଇବା ପାଇଁ ଅଯଥାରେ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ଏଣୁ ଚାଷୀ ଅମଳ ଧାନକୁ ରଖିବା ପାଇଁ ଖର୍ଚ୍ଚାନ୍ତ ହୋଇ ଚାଲିଛି । ଏଣୁ ଚାଷୀ ୧ ହଜାରରୁ ୧୨ ଶହ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହେଉଛି ବୋଲି କହିଥିଲେ । ନୟାଗଡ଼ ଚାଷୀ ଚିରଞ୍ଜିବୀ ପ୍ରଧାନ କୁହନ୍ତି, ବିଲରେ ପାଚିଲା ଧାନ କାଟିବାକୁ ହୋଇଥିଲେ ହେଁ କଟା ଯାଇପାରୁନି । ଗତ ଲଗାଣ ବର୍ଷାରେ କ୍ଷୟକ୍ଷତିର ଆକଳନ, ଆକାଶରେ ମେଘଖଣ୍ଡ ଓ ବର୍ଷାକୁ ଭୟ କରି ଚାଷୀ ଧାନ କାଟୁନି । କେତେକ ସ୍ଥାନରେ ଚାଷୀ ଧାନ କାଟି ଅଦିନିଆ ବର୍ଷାରେ ପୁଣି ଓଦା ହୋଇଯିବା ପରେ ଭୟ ବଢ଼ିଛି । ସରକାର ଧାନର ଗୁଣବତ୍ତାରେ କୋହଳ କରାଯିବ ବୋଲି ଘୋଷଣା କରି ତୁରନ୍ତ ଧାନ ମଣ୍ଡି ଖୋଲିବାକୁ ଦାବି କରିଛନ୍ତି ।


ଜଣେ ଚାଷୀ ଖରାରେ ଭିଜା ଧାନକୁ ଶୁଖାଇବାକୁ ଚେଷ୍ଟା କରୁଛନ୍ତି ।

# ୨୮ରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର

ନୟାଗଡ଼ ଅଫିସ,୨୩।୧୧

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଚଳିତ ମାସ ୨୮ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କ୍ୟାମ୍ପ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ସୋମ ଓ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ପୋମା ଟୁଡୁ ଓ ସିଡିଏମଓ ଶକ୍ତି ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ ।

# ୨ ମଦ ବ୍ୟବସାୟୀ ଗିରଫ

ନୟାଗଡ଼ ଅଫିସ,୨୩।୧୧

ଇଟାମାଟି ଥାନା ପୋଲିସ ନୋଡର ଗାଁର ୨ ମଦ ବ୍ୟବସାୟୀ ଅଜୟ ସାହୁ (୫୦)ଓ ରଘୁନାଥ ପ୍ରଧାନ(୪୫)ଙ୍କୁ ଗିରଫ କରିଛି । ବୁଧବାର ଦୁଇ ମଦ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରାଯିବ । ଉଭୟଙ୍କଠାରୁ ୧୦ ଲିଟର ଲେଖାଏଁ ୨୦ ଲିଟର ଦେଶୀ ମଦ ଜବତ ହୋଇଛି । ଅଜୟଙ୍କ ନାଁରେ ୧୯୦/୨୧ଓ ରଘୁନାଥଙ୍କ ନାଁରେ ୧୯୧/୨୧ରେ ମାମଲା ରୁଜୁ ହୋଇଛି ।

**ଦ. ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-ଜେଆର୍‌ଏଲ୍‌ଆଇ-୧୩, ତାରିଖ: ୨୨।୧୧।୨୦୨୧ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୧୦୯୬ ଦିନ ପାଇଁ ଜାରୋଲିଠାରେ ରନିଂ ରୁମ୍ ଏବଂ କ୍ରିଉ ଓ ଗାର୍ଡ ଲବିର ଦେଖାରଖା । **ଟେଣ୍ଡର ମୂଲ୍ୟ:** ₹୧,୭୪,୦୬,୩୧୮.୪୬ । **ଇଏମ୍‌ଡି:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/- । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଏସ୍.ଇ.ରେଳପଥ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । ଇ-ଟେଣ୍ଡରିଂରେ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଭାଗ ନେବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **(PR-434)**

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ,ଏମ୍‌ପି


ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି ।

ନୟାଗଡ଼ ଅଫିସ,୨୩।୧୧

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀ ଶରଣକୁଳ ଜୋନ୍‌ରେ ୪ଟି ପ୍ରକଳ୍ପକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ପୁରୀ ଏମ୍‌ପି ପିନାକୀ ମିଶ୍ର ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପାଣ୍ଠିରେ ନିର୍ମିତ ଶରଣକୁଳ ଓ ଗୋଡିସାହି ଆରଆଇ ଅଫିସ, ବିଧାୟକ ଓ ଏମ୍‌ପି ପାଣ୍ଠିରୁ ଶରଣକୁଳ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, ଗୋଡିସାହି କ୍ରାନ୍ତିକାରୀ କ୍ଲବର ନୂତନ ଗୃହ ଉଦ୍‌ଘାଟନ ହୋଇଛି । ଏହି ଅବସରରେ ଗୋଡିସାହି କଲ୍ୟାଣପୁର ଖେଳପଡ଼ିଆରେ ବିକ୍ରମ ଦାଶଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଓ ଏମ୍‌ପି ମିଶ୍ର ମୁଖ୍ୟବକ୍ତାରୂପେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଉପାଧ୍ୟକ୍ଷା ବିରଜା ଲକ୍ଷ୍ମୀ ସାହୁ, ୧ନଂ.ଜିଲା ପରିଷଦ ଜୋନ ସଭ୍ୟ ଲୋକନାଥ ସାହୁ, ବିଜେଡି ନେତା ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଡିମିଶର ପଞ୍ଚାୟତର ହରିପୁର, ବୃନ୍ଦାବନପୁର, ବ୍ରଜରାଜପୁର,ଦରପଦା, ଗମ୍ଭାରିଡିହିର ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ ।

# ଡିସେମ୍ବର ଶେଷ ସପ୍ତାହରେ ଖଣ୍ଡପଡ଼ା ମହୋତ୍ସବ

ଖଣ୍ଡପଡ଼ା,୨୩।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶୁଭମଣ୍ଡପ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ପାର୍ଥସାରଥୀ ହାଁସଦା, ବିଡିଓ ଅରୁଣିମା ସାହୁ, ଭାପୁର ବିଡିଓ ଡ. ଜନ୍ମେଜୟ ସାହୁ, ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା, ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ । ଆସନ୍ତା ଡ଼ିସେମ୍ବର ଶେଷ ସପ୍ତାହରେ ଖଣ୍ଡପଡା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ପରିଷଦର ସମ୍ପାଦକ ପର୍ଶୁରାମ ପାଢ଼ୀ ସୂଚନା ପ୍ରଦାନ କରିଛନ୍ତି । ଚଳିତ ବର୍ଷ ୪ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ପରିଷଦର ଆବାହକ ଦୀନବନ୍ଧୁ ଦାସ ମତ ଦେବା ସହ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି । ଉକ୍ତ ବୈଠକରେ ବରିଷ୍ଠ ସଦସ୍ୟ ନିଖିଳ ବିହାରୀ ରଥ, ରମେଶ କୁମାର ମହାନ୍ତି, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ଦାସ, ରାମଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଭଙ୍ଗାରୁଜା ବେଡ୍, ବେଡ୍‌ଶିଟ୍ ନାହିଁ


ୱାର୍ଡରେ ପଡିଥିବା ଭଙ୍ଗା ବେଡ୍ ।


ଛାତରେ ଝୁଲି ରହିଥିବା ସିମେଣ୍ଟ କଂକ୍ରିଟ୍ ।

ଖଣ୍ଡପଡ଼ା,୨୩।୧୧(ସ୍ୱ.ପ୍ର.)

## ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

■ ଛାତରେ ଝୁଲି ରହିଛି ସିମେଣ୍ଟ କଂକ୍ରିଟ୍

■ ଅଧିକାଂଶ ସିଲିଂ ଫ୍ୟାନ୍ ଅଚଳ

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ପାଇଁ ଥିବା ୱାର୍ଡ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ନାନା ଅବ୍ୟବସ୍ଥା ଭିତରେ ରୋଗୀସେବା ଚାଲିଛି । ରୋଗୀମାନଙ୍କ ପାଇଁ ଥିବା ବେଡ୍‌ଗୁଡ଼ିକ ଭାଙ୍ଗିରୁଜି ଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେହି ବେଡ୍ ଉପରେ ପକାଇବା ପାଇଁ ଖଣ୍ଡେ ବେଡ୍‌ସିଟ୍ ବି ମିଳୁନାହିଁ । ଫଳରେ ରୋଗୀମାନଙ୍କୁ ଡାକ୍ତରଖାନା ଅଣାଯିବା ସମୟରେ ଘରୁ ବେଡ୍‌ସିଟ୍ ସହିତ ଅନ୍ୟାନ୍ୟ ସାମଗ୍ରୀ ଆଣିବାକୁ ପଡୁଛି । ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି ।

ଦିନେ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୱାର୍ଡଟି ଅତ୍ୟନ୍ତ ପୁରୁଣା ହୋଇଥିଲେ ମଧ୍ୟ ମରାମତି କରାଯାଉନାହିଁ । ଛାତ ଫାଟି ଲୁହା ରଡ଼ ଦେଖାଯାଉଛି । ଅଧିକାଂଶ ସ୍ଥାନରେ ସିମେଣ୍ଟ କଂକ୍ରିଟ୍ ଖଣ୍ଡ ବିପଦଶଙ୍କୁଳ ଅବସ୍ଥାରେ ତଳକୁ ଝୁଲି ରହିଛି । ରୋଗୀଙ୍କ ନିମନ୍ତେ ଲଗା ଯାଇଥିବା ସିଲିଂ ଫ୍ୟାନଗୁଡିକ ଅଚଳ ଅବସ୍ଥାରେ ଅଛି । ତେଣୁ ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିସହିତ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ଏହାପରେ ବି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ୨୦୨୦ରେ କାୟାକଳ୍ପ ପୁରସ୍କାର ପାଇଛି । ସ୍ୱାସ୍ଥ୍ୟ ବିଭାଗ ଓ କାୟାକଳ୍ପ ଟିମ୍ କ'ଣ ଅନୁଧ୍ୟାନ କରି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ଏହି ପୁରସ୍କାର ପ୍ରଦାନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାସ୍ଥ୍ୟକେନ୍ଦ୍ରର ବାହ୍ୟ ପରିବେଶ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ରହିଥିଲେ ମଧ୍ୟ ନାନା ଅବ୍ୟବସ୍ଥା ରୋଗୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସରକାର ରୋଗୀ କଲ୍ୟାଣ ସମିତିଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ନିମନ୍ତେ ଲକ୍ଷାଧିକ ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ ସେହି ଅର୍ଥ ଠିକଣା ବାଟରେ ବିନିଯୋଗ ହେଉ ନ ଥିବା ସାଧାରଣରେ ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଅଭିସାର ପଣ୍ଡା କୁହନ୍ତି, ଆସନ୍ତା ସୋମବାରଠାରୁ ଡାକ୍ତରଖାନା ୱାର୍ଡରେ ମରାମତି କାମ ଆରମ୍ଭ ହେବ । ବେଡ୍‌ଶିଟ୍ ମିଳୁନାହିଁ ବୋଲି ଯେଉଁ ଅଭିଯୋଗ ହୋଇଛି ସେ ନେଇ ଡା.ପଣ୍ଡା କହିଛନ୍ତି ଗତ ୨୦୧୬ରୁ ବେଡ୍‌ସିଟ୍ ସଫା କରିବା ପାଇଁ ସରକାର କୌଣସି ବ୍ୟବସ୍ଥା ରଖି ନାହାନ୍ତି । ଫଳରେ ଆମେ ଡାକ୍ତରଖାନାରେ ବେଡ୍‌ସିଟ୍ ବ୍ୟବହାର କରିପାରୁନାହୁଁ ।



**୧୨ ବର୍ଷ ହେଲା ଖାଲିପଡ଼ିଛି ପ୍ରଧାନ ଶିକ୍ଷକ ପଦବୀ**

**ଗୋଷାଣୀ:** ଗୋଷାଣୀ ବ୍ଲକ ଗୁରାଣ୍ଡି ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟ ଦୀର୍ଘ ଶହେ ଦୁଇ ବର୍ଷ ପୂରଣ କରିସାରିଛି। କିନ୍ତୁ ଏହି ପୁରାତନ ବିଦ୍ୟାଳୟରେ ଦୀର୍ଘ ୧୨ ବର୍ଷ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଏ ସମ୍ପର୍କରେ ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲେ ମଧ୍ୟ ତାହା କାଗଜ କଲମରେ ସୀମିତ ରହିଯାଇଛି। ଦୁଇବର୍ଷ ତଳେ ଅନୁଷ୍ଠିତ ହୋଇଥିବା ଶତବାର୍ଷିକୀ ଉତ୍ସବରେ ଉପରୋକ୍ତ ବିଷୟ ନେଇ ବିଶଦ୍ ଭାବେ ପ୍ରଶାସନ, ସରକାରଙ୍କ ସହ ଆଲୋଚନା କରାଯାଇଛି। କିନ୍ତୁ ଫଳାଫଳ ଶୂନ ହୋଇଛି।

## ଚାଷୀଙ୍କୁ ସହାୟତା ପାଇଁ ତହସିଲଦାରଙ୍କୁ ସ୍ମାରକପତ୍ର

**ସୋରଡ଼ା, ୨୩।୧୧ (ଡି.ଏନ୍.ଏ.)**

ଲଗାଣ ବର୍ଷାରେ ସୋରଡ଼ା ଅଞ୍ଚଳରେ ବ୍ୟାପକ ଫସଲ କ୍ଷତି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପାଇଁ ଓଡିଶା କୃଷକ ସଭା ପକ୍ଷରୁ ମଙ୍ଗଳବାର ସୋରଡ଼ା ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତି ପୂରଣ ଦେବା ଓ କୃଷି ଋଣ ଛାଡ଼ କରିବା ସହ ବିନା ସୁଧରେ ନୂତନ ଋଣ ପ୍ରଦାନ, ମାଗଣାରେ ବିହନ, ସାର ଯୋଗାଇବା, କୃଷି ବୀମାରେ ଫସଲ କ୍ଷତିପୂରଣ ଦେବା ଆଦି ଦାବି ନେଇ ବରିଷ୍ଠ କୃଷକ ନେତା ଓଡିଶା କୃଷକ ସଭା ରାଜ୍ୟ ଉପସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋରଡ଼ା ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲା କମିଟି ସଭ୍ୟ ନୀଳମଣି ଗୁରୁ, ସତ୍ୟ ମଣ୍ଡଳ, ବିଘ୍ନୁ ପାଣିଗ୍ରାହୀ, କୃଷକ ସମ୍ପାଦକ ଗଣେଶ ପଗ ଦାସ ଗମାଙ୍ଗ, ଲକ୍ଷଣ ନାୟକ, ଲୋଧା ଗମାଙ୍ଗ, ଦଣ୍ଡାସି ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।

# ଅବକାରୀ କର୍ମଚାରୀଙ୍କ ମାଡ଼ରେ ଯୁବକଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ, ୨୩।୧୧**

### କ୍ଷତିପୂରଣ, କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଚୋରା ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଅବକାରୀ କର୍ମଚାରୀ ଉଠାଇ ଆଣିଥିବା ଜଣେ ଯୁବକଙ୍କ କଟକ ବଡ଼ ମେଡିକାଲରେ ଗତ ୨୧ ତାରିଖରେ ମୃତ୍ୟୁ ଘଟିଛି । ସେ ହେଲେ ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତ ସାଇତିଙ୍ଗିଆ ଗ୍ରାମର ଅମିତ ମୁଖି। ଅମିତଙ୍କୁ ଅବକାରୀ କର୍ମଚାରୀ ମାଡ଼ମାରି ହତ୍ୟା କରିଥିବା ଅଭିଯୋଗ କରି ପରିବାର ଲୋକଙ୍କ ସମେତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯିବାରୁ ସକାଳ ପ୍ରାୟ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଫୁଲବାଣୀ–ବାଲିଗୁଡା ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ଥିଲା । ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା ସହ କ୍ଷତିପୂରଣ ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ହଟିଛି। ସୂଚନା ଅନୁଯାୟୀ, ସାଇତିଙ୍ଗିଆ ଗ୍ରାମର ଅମିତ ଓ ତାଙ୍କ ଭାଇ ଗତ ୧୩ ତାରିଖରେ କୌଣସି କାମରେ ବୌଦ୍ଧ ଆଡ଼କୁ ଯାଉଥିଲେ। ରାଣୀପଥର ଘାଟିରେ ଅବକାରୀ କର୍ମଚାରୀମାନେ ସେମାନଙ୍କୁ ଅଟକାଇ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଅମିତଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ପରେ ଜଣେ କର୍ମଚାରୀ ୫୦ ହଜାର ଟଙ୍କା ଦେଲେ ଅମିତଙ୍କୁ ଛାଡି ଦିଆଯିବ ବୋଲି ଫୋନରେ କହିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାଦିନ ସନ୍ଧ୍ୟାରେ ଅମିତ ଗୁରୁତର ଆହତ ହୋଇଥିବା ସମ୍ପୃକ୍ତ ଅବକାରୀ କର୍ମଚାରୀ ଘରକୁ ଫୋନ ଯୋଗେ ଖବର ଦେଇଥିଲେ। ଅମିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଓ ପରେ ପରିବାରର ଅଜାଣତରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି କଟକ ଏସ୍‌ସିବି ପଠାଯାଇଥିଲେ ମଧ ୨୧ ତାରିଖରେ ଅମିତଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ସକାଳୁ ଏହି ଘଟଣାକୁ ନେଇ ଅମିତଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ମାସିରପଡା ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବରପାଇ ସଦର ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ ଓ ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମ ସୁନ୍ଦର ରାଓଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ଘଟଣାସ୍ଥଳରେ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ସହ ଆଉ ଏକ ଲକ୍ଷ ଟଙ୍କା ପରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରେ ରାସ୍ତାରୋକୋ ହଟିଥିଲା।

## ବରାଳ ଦେବୀ ମନ୍ଦିରର ବିକାଶ ଲାଗି ସ୍ମାରକପତ୍ର

**ଖଜୁରିପଡ଼ା/ବଲସକୁମ୍ପା, ୨୩।୧୧ (ଡି.ଏନ୍.ଏ.)**

କନ୍ଧମାଳ ଜିଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଆଦିବାସୀମାନଙ୍କ ଆରାଧ୍ୟ ଦେବୀ ମନ୍ଦିର ମାଁ ବରାଳ ଦେବୀ ଅନ୍ୟତମ। ଏହି ମନ୍ଦିର ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପାଠାରେ ଅବସ୍ଥିତ। ଅନେକ ସ୍ଥାନରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ମନସ୍କାମନା ନେଇ ଏଠାକୁ ଆସନ୍ତି। ବହୁ ଅନାଦି କାଳରୁ ମା' ବରାଳ ଦେବୀ ଏହି ସ୍ଥାନରେ ବିରାଜ ମାନ ହୋଇ ପୂଜା ପାଉଛନ୍ତି। ମା'ଙ୍କ ଦର୍ଶନ ପାଇଁ ଭକ୍ତ ସମେତ ନେତା, ମନ୍ତ୍ରୀ ଏବଂ ବହୁ ପ୍ରଶାସନିକ ଅଧିକାରୀ ଆସନ୍ତି। କିନ୍ତୁ ଏହି ଶକ୍ତି ପୀଠକୁ ସରକାରଙ୍କର ନିଘା ନାହିଁ । ମନ୍ଦିର ବିକାଶ ଓ ଉନ୍ନତୀକରଣ ପାଇଁ ସରକାର ଶୁଣି ନ ଥିବା ଏବଂ ଅବହେଳା କରିଥିବା ଦେଖିବାକୁ ମିଳୁଛି। କିଛିଦିନ ପୂର୍ବରୁ ଏହି ମନ୍ଦିର ଦର୍ଶନ ପାଇଁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର ଆସିଥିଲେ। ସେହି ସମୟରେ ମନ୍ଦିର ପରିଚାଳନା କମିଟି ତରଫରୁ ମନ୍ଦିରର ବିକାଶ ପାଇଁ ୮ ଦଫା ଦାବିପତ୍ର ଦେଇଥିଲେ। କିନ୍ତୁ କିଛି ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟକାରୀ ହେଲା ନାହିଁ। ତେଣୁ ପୁଣି ଥରେ ମନ୍ଦିର ପରିଚାଳନା କମିଟି ମନ୍ଦିର ବିକାଶ ଓ ଉନ୍ନତୀକରଣ ଉଦ୍ଦେଶ୍ୟ ନେଇ ସୋମବାର କନ୍ଧମାଳ ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆଇନ୍ ଏବଂ ନଗର ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏବଂ ବିଧାୟକ ଅଙ୍ଗଦ କହଁରଙ୍କୁ ଫୁଲବାଣୀସ୍ଥିତ ସର୍କିଟ ହାଉସରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସଞ୍ଜୟ କୁମାର କହଁର ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହି ସ୍ମାରକ ପତ୍ରର ନକଲ ମୁଖ୍ୟ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଇ – ମେଲ କରିଥିବା ସମ୍ପାଦକ ସଞ୍ଜୟ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।




## ବିଦ୍ୟାଳୟ ବନ୍ଦ ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

**ପୁରୁଷୋତ୍ତମପୁର, ୨୩।୧୧ (ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ଡି ଅନ୍ତରି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇଥିଲା। ଏଥିପାଇଁ ପାଠ ପଢିବା ଲାଗି ଶିଶୁମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏ ନେଇ ଶିକ୍ଷା ବିଭାଗୀୟ ଅଧିକାରୀ ଓ ବିଡିଓଙ୍କଠାରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କେହି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସି ଗଣଧାରଣା ଦେଇଥିଲେ। ଏଥିସହ ଧାରଣାସ୍ଥଳରେ ରୋଷେଇ କରି ଖାଇ ବସିଛନ୍ତି। ଗ୍ରାମବାସୀ ଅଭିଯୋଗ କ୍ରମେ, ବିଦ୍ୟାଳୟ ଉଚ୍ଛେଦ ଓ ମିଶ୍ରଣ ସମ୍ପର୍କରେ ବ୍ଲକ ଶିକ୍ଷା ବିଭାଗ ସେମାନଙ୍କୁ ଜଣାଇନାହାନ୍ତି। ପିଲାଙ୍କୁ ଚାଉଳ, ଡାଲି, ପୋଷାକ ଦେବାର କହି ଅଭିଭାବକଙ୍କଠାରୁ ଦସ୍ତଖତ ନେଇ ନିକଟସ୍ଥ ମୋରାବାଇ ଗ୍ରାମ ବିଦ୍ୟାଳୟରେ ନାମ ଲେଖାଇ ଦେଇଛନ୍ତି। ଅଭିଭାବକ ଗରିବ ଶ୍ରେଣୀର ହୋଇଥିବା ବେଳେ ଶିଶୁମାନେ ଦୀର୍ଘ ଏକ କିମି ଦୂର ମୋରାବାଇ ଗ୍ରାମ ବିଦ୍ୟାଳୟକୁ ଚାଲି ଚାଲି ଯିବାରେ ବିପଦ ରହିଛି। ଏଣୁ ଏହି ଉଚ୍ଛେଦକୁ ପ୍ରତ୍ୟାହାର କରି ତୁରନ୍ତ ବିଦ୍ୟାଳୟ ଖୋଲି ପିଲାଙ୍କୁ ପାଠ ପଢ଼ାଇବାକୁ ଦାବି କରିଛନ୍ତି।




## ପଞ୍ଚାୟତସ୍ତରୀୟ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୩।୧୧ (ଡି.ଏନ୍.ଏ.)**

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ତ୍ରୟମାସିକର ପ୍ରଥମ ମାସର ୨୨ ତାରିଖରେ ପ୍ରତି ପଞ୍ଚାୟତରେ ଶିଶୁଙ୍କ ପାଇଁ ଦିନଟିଏ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଗଜପତିର ପ୍ରତ୍ୟେକ ପଞ୍ଚାୟତରେ ଶିଶୁଙ୍କ ପାଇଁ ଦିନଟିଏ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଏବଂ ପଞ୍ଚାୟତ ସ୍ତରୀୟ ବାଲ୍ୟ ବିବାହ ଟାସ୍କ ଫୋର୍ସର ବୈଠକ ହୋଇଥିଲା। ବୈଠକରେ ସରପଞ୍ଚ, ୱାର୍ଡ ସଭ୍ୟ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ, କିଶୋରୀ, ଏଏନ୍‌ଏମ୍ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ ଜିଲା ସ୍ତରରୁ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା, ଚାଇଲ୍ଡ ଲାଇନର କର୍ମକର୍ତ୍ତା ଏବଂ ସମନ୍ୱିତ ଶିଶୁ ଉନ୍ନତି ଯୋଜନାର ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।







